ADITYA BIRLA
UltraTech

Birla White
EVER-WHITE
WHITE CEMENT WASH

# ବିର୍ଲା ହ୍ୱାଇଟ୍

## ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍

## ଧଳାପଣ ଅପ୍ରତିମ,
## ବର୍ଷାନୁବର୍ଷ କରେ କାମ





## ବିର୍ଲା ହ୍ୱାଇଟ୍ ଏଭର୍–ହ୍ୱାଇଟ୍ ସିମେଣ୍ଟ ୱାଶ୍

ବିର୍ଲା ହ୍ୱାଇଟ୍ 'ଏଭର୍–ହ୍ୱାଇଟ୍ ସିମେଣ୍ଟ ୱାଶ୍' ରେ ଅଛି ଅତି ଟିକାଉ, ଉତ୍କୃଷ୍ଟ ଚମକ ଆଉ ଅତିଶୟ ମିତଖର୍ଚ୍ଚୀ ୱାଲ୍ ଫିନିଶ୍'ର ପ୍ରତିଶ୍ରୁତି । ସିମେଣ୍ଟ ପେଣ୍ଟ୍ସ ପାଇଁ ଏକ ପ୍ରାଇମର୍ କୋଟ୍ ହେବା ସାଙ୍ଗକୁ ଯାବତୀୟ ହେଆରଲାଇନ୍ କ୍ରାକ୍ସ ଓ କଣା ସକାଶେ ଏକ ସୁଦକ୍ଷ ଫିଲର୍ ମଧ ଅଟେ । **ବିର୍ଲା ହ୍ୱାଇଟ୍ ଏଭର୍–ହ୍ୱାଇଟ୍ ସିମେଣ୍ଟ ୱାଶ୍** ହେଉଛି ଏକମେବ ସିମେଣ୍ଟ ୱାଶ୍, ଯାହା ସାଧାରଣ ହ୍ୱାଇଟ୍ ସିମେଣ୍ଟ ୱାଶ୍/ଲାଇମ୍ ୱାଶ୍ ଅପେକ୍ଷା ଅଧିକ ଟିକାଉ ହୋଇଥାଏ ଏବଂ ଲଗାଯାଇଥିବା ପୃଷ୍ଠକୁ ଅତି ଉନ୍ନତ ଫିନିଶ୍ ଦେଇଥାଏ ।

ବିର୍ଲା ହ୍ୱାଇଟ୍ ଏଭର୍–ହ୍ୱାଇଟ୍ ସିମେଣ୍ଟ ୱାଶ୍ ହେଉଛି ଝଞ୍ଜାଳ–ମୁକ୍ତ ଉତ୍ପାଦ, ଯାହାକୁ ବ୍ରଶ୍ ବା ସ୍ପ୍ରେ ଦ୍ୱାରା ସହଜରେ ଲଗାଇହୁଏ, ତେଣୁ ଛୋଟକାଟିଆ ମଜୁରିଆ/ପେଣ୍ଟର୍/ମେସନ୍‌ଙ୍କ ପାଇଁ ଏହାର ଉପଯୋଗ ସହଜ ହେଇଥାଏ ।



3X ଅଧିକ ଶକ୍ତି



ଅଦ୍ୱିତୀୟ ଧଳାପଣ



ଫାଟେନି ଛେଲା ଛାଡ଼େନି

## ପ୍ରୟୋଗ କରାଯିବା ଅଞ୍ଚଳ:

- ନୂଆ ସିମେଣ୍ଟ ପ୍ଲାଷ୍ଟର୍ କାନ୍ଥ (ବାସ୍ତୁ ଭିତରେ ବା ବାହାରେ)
- ଆର୍‌ସିସି/କଂକ୍ରିଟ୍ ପୃଷ୍ଠ



## ଗୁଣ ଓ ଲାଭସବୁ:

- ଛୋଟମୋଟ ଛିଦ୍ର/ପିନ୍ ହୋଲ୍‌ସ, ହେଆର୍‌ଲାଇନ୍ କ୍ରାକ୍‌ସ ଓ କଣା ଭରିଦିଏ
- ଉନ୍ନତ ଧଳା ଫିନିଶ୍
- ମସୃଣ ମ୍ୟାଟ୍ ଫିନିଶ୍
- ଓଦା/ଆର୍ଦ୍ର ପୃଷ୍ଠରେ ବି ଲଗାଇହୁଏ
- ପୃଷ୍ଠ ପାଇଁ ଅତିରିକ୍ତ ଶକ୍ତି
- ଉଲୁରିଯାଏନି, ଛେଲା ଛାଡ଼େନି କି ଧୋଇହୋଇ ଯାଏନି
- ୩ ବର୍ଷ ପର୍ଯ୍ୟନ୍ତ ଟିକାଉ

## ଆବଶ୍ୟକୀୟ ଉପକରଣ

- ଭଲଭାବେ ମିଶାଇବା ପାଇଁ ମେକାନିକଲ୍ ଷ୍ଟରର୍ ବ୍ୟବହାର କରିବା ଉଚିତ
- ଲଗାଇବା ଲାଗି ପେଣ୍ଟିଙ୍ଗ ବ୍ରଶ୍/ରୋଲର୍ ଲାଗେ

## ସବ୍‌ଷ୍ଟ୍ରାଟ୍ ପୃଷ୍ଠ ପ୍ରସ୍ତୁତି

- ଲଗାଯିବା ପୃଷ୍ଠରୁ ଯାବତୀୟ ହୁଗୁଳା ଲାଗିଥିବା ଦ୍ରବ୍ୟ, ମଇଳା, ଧୂଳି ଆଉ ତେଲ ଇତ୍ୟାଦି ଏମେରୀ/ବାଲିକାଗଜ, ବ୍ଲେଡ୍ ବା ତାର-ବ୍ରଶ୍ ଆଦି ଦ୍ୱାରା ଦୂର କରନ୍ତୁ ।

## ସବ୍‌ଷ୍ଟ୍ରାଟ୍ କୁ ଆଗ ଭିଜାନ୍ତୁ

- ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍ ଲଗାଇବା ଆଗରୁ ପୃଷ୍ଠକୁ ଭିଜେଇବା ମହତ୍ତ୍ୱ ରଖେ, ଯେପରି କାମ ଭଲରେ କରିହେବ, ଭଲ କଭରେଜ୍ ମିଳିବ ଆଉ ପୃଷ୍ଠ ସହିତ ଉତ୍ତମ ଲାଗିରହିବା ଗୁଣ ମିଳିବ । ବ୍ରଶ୍, ହୋସ୍ ପାଇପ୍ ସ୍ପ୍ରେ, ଏପରିକି ମଗ୍/କେନ୍ ଦ୍ୱାରା ଆଗୁଆ ଭିଜେଇବା କାମ କରାଯାଇ ପାରେ । ଲଗାଯିବା ବେଳେ ପୃଷ୍ଠ ଓଦା ରିହଥିବା ଅତି ଜରୁରୀ ।

## 'ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍' ମିଶ୍ରଣ



- ମିଶ୍ରଣ ଅନୁପାତ (1:1.2) : 1 କେଜି ''ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍'' କୁ 120% ସଫା ପାଣି (1 କେଜି ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍ ଶ 1200 ମି.ଲି. ପାଣି)ରେ ଆସ୍ତେ ଆସ୍ତେ ମିଶାଇ ଗୋଳାଇ ଗୋଳାଇ ସମରୂପ ମିଶ୍ରଣ କରନ୍ତୁ ।
- ମିଶାଇବାଟା ମେକାନିକଲ୍ ଷ୍ଟରର୍ ଦ୍ୱାରା କରାଯିବା (3 ରୁ 5 ମିନିଟ) ଭଲ/ହାତରେ ଗୋଳାଉଥିଲେ 10-12 ମିନିଟ ଗୋଳାଇ ସମରୂପ କରିବା ଭଲ । ପ୍ରସ୍ତୁତ ମିଶ୍ରଣକୁ 1.5 ରୁ 2.0 ଘଣ୍ଟା ଭିତରେ ବ୍ୟବହାର କରିଦିଅନ୍ତୁ ।

## ପୃଷ୍ଠ ଉପରେ ପ୍ରୟୋଗ



- ଭଲକରି ମିଶାଇବା ପରେ, **''ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍''** କୁ 4-5 ଇଞ୍ଚିଆ ପେଣ୍ଟିଙ୍ଗ ବ୍ରଶ୍/ ଯୋଗ୍ୟ ରୋଲର୍ ଦ୍ୱାରା ଭିଜା/ଓଦା ପୃଷ୍ଠରେ ଏକସମାନ ଭାବେ ଲଗାନ୍ତୁ ।
- ସର୍ବୋତ୍ତମ ଫଳ ପାଇବାକୁ, ପୃଷ୍ଠକୁ ଠିକ୍ ଭାବେ କ୍ୟୋର୍ କରିବା ପାଇଁ ପ୍ରତି କୋଟ୍ 6-8 ଘଣ୍ଟା ଶୁଖିବା ପରେ ପାଣି ସିଞ୍ଚନ୍ତୁ । ଦ୍ୱିତୀୟ କୋଟ୍ ଲଗାଇବା ଆଗରୁ ପୃଷ୍ଠକୁ 24 ଘଣ୍ଟା ବା ରାତିସାରା ଶୁଖିବାକୁ ଦିଅନ୍ତୁ ।
- ରାତିସାରା ଶୁଖିବା ପରେ ଦ୍ୱିତୀୟ କୋଟ୍ ଲଗାନ୍ତୁ । ପୃଷ୍ଠର ବଢ଼ିଆ ଫିନିଶ୍ ପାଇଁ ଦୁଇଟି କୋଟ୍ ଯଥେଷ୍ଟ ।
- ଅନ୍ତିମ କୋଟ୍ ପରେ ଅତି କମରେ 3-5 ଦିନ ପର୍ଯ୍ୟନ୍ତ ପାଣି ପକେଇ କ୍ୟୋର୍ କରିବା (ପାଣିପାଗ ଉପରେ ନିର୍ଭର କରି ଦିନକୁ 2-3 ଥର) ଦରକାର ।
- ବ୍ରଶ୍ କେବଳ ଭୂସମାନ୍ତର ଚଲାଇବା ଉଚିତ । ଏହା ଉତ୍ତମ ପୃଷ୍ଠ ଫିନିଶ୍ ପାଇବାରେ ଆଉ ରଶ୍ ମାର୍କ କମ କରିବାରେ ସାହାଯ୍ୟ କରିବ ।



## ଟେକ୍ନିକାଲ୍ ପାରାମିଟର୍ସ

| କ୍ରମାଙ୍କ | ବୈଷୟିକ ପରିମାପ | ବିବରଣୀ | ପରୀକ୍ଷଣ ପଦ୍ଧତି |
|---|---|---|---|
| 1. | କଭରେଜ୍ (ବର୍ଗଫୁଟ/କେଜି/ଦୁଇଟି କୋଟ୍ କୋଟ୍) [ଯୋଗ୍ୟ ମସୃଣ ପୃଷ୍ଠରେ]* | 38-42 | ଇନ୍ ହାଉସ୍ |
| 2. | ପଟ୍ ଲାଇଫ୍ (ଘଣ୍ଟା) | 1.5-2.0 | ଇନ୍ ହାଉସ୍ |
| 3. | ଶୁଖିବା ସମୟ @ 25±2 °C<br>-ଟଚ୍ ଡ୍ରାଇ<br>-ହାର୍ଡ ଡ୍ରାଇ | <br>ସର୍ବାଧିକ 1 ଘଣ୍ଟା<br>ସର୍ବନ୍ୟୂନ 6 ଘଣ୍ଟା | <br>ଇନ୍ ହାଉସ୍<br>ଇନ୍ ହାଉସ୍ |
| 4. | VOC ଭିଓସି (ମି.ଗ୍ରା./କେଜି) | ଶୂନ୍ୟ | ASTM 6886 |
| 5. | ବଲ୍କ ଡେନ୍ସିଟୀ (ଗ୍ରା./ସିଏମ୍ 3) | 0.90-1.0 | ଇନ୍ ହାଉସ୍ |

*ଏହି ଅଙ୍କ/ଭାଲ୍ୟୁ ଏକ ମସୃଣ ପୃଷ୍ଠ'ର, କିନ୍ତୁ ପୃଷ୍ଠ ଟେକ୍ସଚର୍ ଉପରେ ନିର୍ଭର କରି ଏହା ବଦଳିପାରେ ।

## ସତର୍କତା :

- ✔ ମିଶ୍ରଣ କଲାବେଳେ, ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍ ଉତ୍ପାଦକୁ ପାଣିରେ ମିଶାଇବା ଦରକାର, ବିପରୀତ ଭାବରେ ନୁହେଁ ।
- ✔ ମିଶାଇବା ବେଳେ ଗୋଳାଇଚାଲନ୍ତୁ ।
- ✔ ପୂରାପୂରି ପ୍ରସ୍ତୁତ କରାଯାଇଥିବା ପୃଷ୍ଠରେ ହିଁ ବିର୍ଲା ହ୍ୱାଇଟ୍ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍ ଲଗାନ୍ତୁ ।
- ✔ କେବଳ ସୀମିତ ମାତ୍ରାର ମିଶ୍ରଣ ପ୍ରସ୍ତୁତ କରାଯିବ । ଦରକାର, ଯାହାକୁ 2 ଘଣ୍ଟା ଭିତରେ ହିଁ ବ୍ୟବହାର କରାଯାଇ ପାରିବ, ଯେପରି ନିଶ୍ଚିତ କରିହେବ ଯେ ବ୍ୟବହାର କରାଯିବା ଆଗରୁ ମିଶ୍ରଣ ବସିଯିବ ନାହିଁ ।
- ✔ ଅତି ଅବଶୋଷକ ପୃଷ୍ଠ ପାଇଁ, ଫିନିଶ୍ କୋଟ୍ କୁ ପତଳା କରନ୍ତୁ ।
- ✔ ଏଭର୍-ହ୍ୱାଇଟ୍ ସିମେଣ୍ଟ ୱାଶ୍'ର ଦୁଇଟି କୋଟ୍ ମଧ୍ୟରେ 24 ଘଣ୍ଟାର ଅନ୍ତର ସୁପାରିଶ କରାଯାଏ ।
- ✔ ଲଗାଇବାର ବହୁତ ଆଗରୁ ମିଶ୍ରଣକୁ ଗୋଳାଇଚାଲନ୍ତୁ । ଭଲଭାବେ ମିଶାଇବା ପାଇଁ ମେକାନିକାଲ୍ ଷ୍ଟରର୍ ହିଁ ସୁପାରିଶ କରାଯାଏ ।
- ✘ ଏହି ଉତ୍ପାଦକୁ ଖରା ପଡୁଥିବା ପୃଷ୍ଠରେ ଲଗାନ୍ତୁ ନାହିଁ, ଯେହେତୁ ସିମେଣ୍ଟ ଶୀଘ୍ର ଶୀଘ୍ର ବସିଯିବ ଆଉ ପୃଷ୍ଠରେ ବ୍ରଶ୍ ଚିହ୍ନ ଦିଶିବ ।

ADITYA BIRLA

UltraTech

Birla White

EVER-WHITE

WHITE CEMENT WASH


**ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ (ୟୁନିଟ ବିରଳା ହ୍ୱାଇଟ୍)**

୨ମ ମହଲା, ବିର୍ଲା ସେଞ୍ଚୁରିଆନ୍, ପାଣ୍ଡୁରଙ୍ଗ ବୁଧକର ମାର୍ଗ, ୱର୍ଲି, ମୁମ୍ବଇ – 400030

ଟେଲିଫୋନ ବୋର୍ଡ ନମ୍ବରସବୁ: 022–68540444/50365111

ୱେବ୍‌ସାଇଟ୍ : www.birlawhite.com | ନିଃଶୁଳ୍କ ନ.: 1800 11 1717

www.facebook.com/BirlaWhiteCement | twitter.com/BirlaWhite

bw-consumercare@adityabirla.com